**ପୁଣି ୨ ଘର ଭାଙ୍ଗିଲା ଗୋଠଛଡ଼ା ଦନ୍ତା**

ପାଟଣା,(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜ କ୍ଷୀରେଇ ଟାଙ୍ଗିରି ବିଟ୍ କ୍ଷୀରେଇ ଟାଙ୍ଗିରି ଓ ଡ଼ାବର ବୁଆ ଗ୍ରାମରେ ଶନିବାର ଗୋଠ ଛଡ଼ା ଦନ୍ତା ୨ ଜଣଙ୍କ ଝରକା ଭାଙ୍ଗି ଧାନ ଖାଇଦେଇଛି। କ୍ଷୀରେଇଟାଙ୍ଗିରି ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାନ୍ତ ଓ ଡ଼ାବର ବୁଆ ଗ୍ରାମର ଗହମୀ ପାତ୍ରଙ୍କ ଝରକା ଭାଙ୍ଗି ଧାନ ଖାଇଥିବା ଖିରେଇଟାଙ୍ଗିରି ବନପାଳ ଶିବ ନାରାୟଣ ଦେବ କହିଛନ୍ତି। ଏହି ଦନ୍ତା ହାତୀଟି ପାଟଣା ରେଞ୍ଜ ଅଞ୍ଚଳରେ ଉତ୍ପାତ କରି ପୁନର୍ବାର ସଦର ରେଞ୍ଜ ବେଲଦା ସଂରକ୍ଷିତ ଜଙ୍ଗଲକୁ ଚାଲିଯାଉଥିବା ଜଣାପଡ଼ିଛି।

# ସିମୁଳିଆରେ ପ୍ରାଣୀ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ସିମୁଳିଆ, ୨୩।୭(ସନ୍ତୋଷ କୁମାର ନାୟକ)


ସିମୁଳିଆ ପ୍ରାଣୀ ଚିକିତ୍ସା କେନ୍ଦ୍ର ରାସ୍ତା ପାଣିରେ ବୁଡ଼ିଯାଇଛି।

■୨ ଡାକ୍ତରଙ୍କ ସମେତ ୧୨ କର୍ମଚାରୀଙ୍କ ପଦବୀ ଖାଲି

■ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି ଚିକିତ୍ସା

ସମଗ୍ର ଜୀବସମାଜ ପାଇଁ ପ୍ରାଣୀମାନଙ୍କ ଅବଦାନ ଅତୁଳନୀୟ । କଥା କହିପାରୁ ନ ଥିବା ଏହି ପ୍ରାଣୀଙ୍କୁ ସରକାର ସମ୍ପଦ ରୂପେ ଗ୍ରହଣ କରିବା ସହିତ ଉଭୟ ପ୍ରାଣୀ ଓ ପାଳନକର୍ତ୍ତାମାନଙ୍କ ନିମନ୍ତେ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି ।

ପ୍ରଶାସନ ଓ ଲୋକ ପ୍ରତିନିଧିମାନଙ୍କ ଆନ୍ତରିକତା ଅଭାବରୁ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକରେ ପ୍ରାଣୀସେବା ବିପର୍ଯ୍ୟସ୍ତ ହୋଇପଡିଛି। ଗତ ୧୯୬୧ରେ ସିମୁଳିଆର ଗୋରୁ, ଛେଳି, କୁକୁଡା, ବତକମାନଙ୍କ ଚିକିତ୍ସା ପାଇଁ ବ୍ଲକର ସଦରମହକୁମା ମାର୍କୋଣାରେ ୧ଏକର ୫୨ଡେସିମିଲ ଜମିରେ ବ୍ଲକର ନାମକରଣ ଅନୁସାରେ ସିମୁଳିଆ ପ୍ରାଣୀ ଚିକିତ୍ସା କେନ୍ଦ୍ର ସ୍ଥାପିତ ହୋଇଥିଲା । ଏବେ ସିମୁଳିଆରେ ୪୦ହଜାର ଗୋରୁଙ୍କ ସମେତ ୧୮ହଜାର ଛେଳି, ୧ଲକ୍ଷରୁ ଅଧିକ କୁକୁଡା, ୪୦ଟି ଗାଇ ଫାର୍ମ ଓ ୧୨୧ଟି କୁକୁଡା ଫାର୍ମ ରହିଛି । ସମଗ୍ର ବ୍ଲକର ୨୨ଟି ପଞ୍ଚାୟତରେ ପ୍ରାଣୀମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଦୁଇଟି କେନ୍ଦ୍ରସ୍ଥଳୀ ସିମୁଳିଆ ଓ ବାଲିଖଣ୍ଡକୁ ଚୟନ କରାଯାଇ ପ୍ରାଣୀ ଚିକିତ୍ସା କରାଯାଉଛି । ଗ୍ରାମାଞ୍ଚଳରେ ପ୍ରାଣୀମାନଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ସିମୁଳିଆ ସ୍ୱାସ୍ଥକେନ୍ଦ୍ର ଅଧୀନରେ ୫ଟି ଅଡା, ମଇତାପୁର, ବାଉରିପଦା, ଜାମୁଝାଡି ଓ କ୍ଷୀରକୋଣା ପ୍ରାଣୀ ସହାୟକ କେନ୍ଦ୍ର ସ୍ଥାପିତ ହୋଇଛି । ସେହିପରି ବାଲିଖଣ୍ଡ ଅଧୀନରେ ୩ଟି କନ୍ହେଇବିନ୍ଧା, ଅଣ୍ଡରାଇ ଓ କାଞ୍ଚପଡା ପ୍ରାଣୀଧନ ସହାୟକ କେନ୍ଦ୍ର ସ୍ଥାପିତ ହୋଇଛି। ମୁଖ୍ୟ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ରୂପେ ସିମୁଳିଆରେ ଡା. ଅକ୍ଷୟ କୁମାର ମହାଳିକ ଓ ବାଲିଖଣ୍ଡରେ ଡା. ସ୍ୱରୂପାନନ୍ଦ ପତି ରହିବା ସହିତ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସକ ରୂପେ ଡା. ସୁନୀଲ କୁମାର ଦୀକ୍ଷିତ ଅଛନ୍ତି। ଗ୍ରାମାଞ୍ଚଳରେ ସେବା ଯୋଗାଇଦେବା ପାଇଁ ୬ଜଣ ପ୍ରାଣୀଧନ ନିରୀକ୍ଷକ ଅଛନ୍ତି । ସେହିପରି ଦୁଗ୍ଧ ଚାଷୀମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବା ପାଇଁ ଗତ ୧୬।୫।୦୪ରେ ସିମୁଳିଆ ପ୍ରାଣୀ ଚିକିତ୍ସାଳୟ ପରିସରରେ ସରକାରଙ୍କ ଓମ୍ଫେଡ ବିଭାଗର ଦୁଗ୍ଧ ଶୀତଳୀକରଣ ଭଣ୍ଡାର ଖୋଲାଯାଇ ଦୈନିକ ପ୍ରାୟ ୨ ହଜାର ଲିଟର କ୍ଷୀର ଆମଦାନୀ ହେଉଛି। ବାଲେଶ୍ୱର ଓ ଭଦ୍ରକ ଜିଲା ସମବାୟ ଦୁଗ୍ଧ ଉତ୍ପାଦନ ସଂଘ ଦ୍ୱାରା ଗତ ୨୦।୭।୧୯ରେ ପରୀକ୍ଷାଗାର ନିର୍ମାଣ କରାଯାଇଛି। ସରକାରଙ୍କ ବିଭିନ୍ନ ଯୋଜନା ସତ୍ତ୍ୱେ ପ୍ରାଣୀ ଚିକିତ୍ସା କେନ୍ଦ୍ର ଅବହେଳିତ ଅବସ୍ଥାରେ ରହିଛି। ଆରମ୍ଭରୁ ବାଲିଖଣ୍ଡରେ ପ୍ରାଣୀ ଚିକିତ୍ସାଳୟ ନିର୍ମାଣ କରା ନ ଯିବା ଯୋଗୁ ସ୍ଥାନୀୟ ପଞ୍ଚାୟତର ଏକ ପରିତ୍ୟକ୍ତ ଗୃହରେ କାର୍ଯ୍ୟାଳୟ ପରିଚାଳିତ ହେଉଛି। ଫଳରେ ଅସରାଏ ବର୍ଷାରେ ଘର ମଧ୍ୟରେ ଆଣ୍ଠୁଏ ପାଣି ଜମୁଥିବା ଡା. ସ୍ୱରୂପାନନ୍ଦ ପତି ସୂଚନା ଦେଇଛନ୍ତି। ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ସିମୁଳିଆ ପ୍ରାଣୀ ଚିକିତ୍ସାଳୟ ସ୍ଥାପିତ ହୋଇଛି। ରାଜପଥରୁ ପ୍ରାୟ ୧୦ଫୁଟ ଖାଲୁଆ ସ୍ଥାନରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମିତ ହୋଇଥିବାରୁ ରାସ୍ତା ଓ ପରିବେଶ ସମସ୍ୟା ରହିଥିବା ଡା. ସୁନୀଲ ଦୀକ୍ଷିତ ସୂଚନା ଦେଇଛନ୍ତି । ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରର ରାସ୍ତା ପାଣିରେ ବୁଡିଯାଇଥିବା ବେଳେ ଘାସ, ଜଙ୍ଗଲ ସହିତ ପଙ୍କୁଆ ପରି ଅସ୍ୱାସ୍ଥ୍ୟକର ପରିବେଶ ସମ୍ପର୍କରେ ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ମହାଳିକ କହନ୍ତି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୨ଟି ପରିତ୍ୟକ୍ତ ଘର ରହିଛି। ଗତ ୨୦୧୦ରେ ନିର୍ମିତ ହୋଇଥିବା ନୂତନ ଘର ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇପଡିଛି। ଏହାର ଝରକା କବାଟ ଗଳି ପଡିଥିବା ବେଳେ ଛାତରୁ ପାଣି ଗଳୁଛି । ସ୍ୱାସ୍ଥ୍ୟକେନ୍ଦ୍ରର ପାଚେରି ନାହିଁ । ପ୍ରାଣୀମାନଙ୍କୁ ସେବା ଯୋଗାଇଦେବା ପାଇଁ ୨ଜଣ ଡାକ୍ତରଙ୍କ ଅଭାବ ସହିତ ୮ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ଓ ୨ଜଣ ପ୍ରାଣୀଧନ ନିରୀକ୍ଷକଙ୍କ ପଦବୀ ଖାଲି ରହିଛି। ସେହିପରି କ୍ଷୀରକୋଣାରେ ପ୍ରାଣୀଧନ ସହାୟକ କେନ୍ଦ୍ର ନିର୍ମାଣ ପାଇଁ ସ୍ଥାନ ନିରୂପଣ ହୋଇ ପଡିରହିଛି । ଅଣ୍ଡରାଇ, କାଞ୍ଚପଡା ଓ ବାଉରିପଦା ପ୍ରାଣୀଧନ ସହାୟକ କେନ୍ଦ୍ରର ଅବସ୍ଥା ଶୋଚନୀୟ ହୋଇପଡିରହିଥିବା ବେଳେ ବିଭାଗୀୟ ଅଧିକାରୀ ଓ ଲୋକପ୍ରତିନିଧିମାନେ ଏଥିପ୍ରତି ଆଖିବୁଜି ଦେଇଥିବାର ଜଣାଯାଇଛି ।

## ବିଭିନ୍ନ ମନ୍ଦିରର ଉନ୍ନତୀକରଣ ପାଇଁ ଶିଳାନ୍ୟାସ


ନିଳୋକସ୍ଥିତ ବଉଳାଶୁଣୀ ମନ୍ଦିର ପରିଦର୍ଶନ ଅବସରରେ ବିଧାୟକ ପ୍ରତିନିଧି ଇଂ.ପ୍ରୟାସକାନ୍ତି ସାମଲ ଓ ଅନ୍ୟମାନେ।

ବନ୍ତ, ୨୩।୭(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକର ନିଳୋକ ଓ ବନ୍ତ ପଞ୍ଚାୟତର ବିଭିନ୍ନ ମନ୍ଦିରର ଉନ୍ନତୀକରଣ ପାଇଁ ବିଧାୟକ ପ୍ରତିନିଧି ଇଂ.ପ୍ରୟାସକାନ୍ତି ସାମଲ ଶିଳାନ୍ୟାସ କରିଛନ୍ତି। କିଛିଦିନ ତଳେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ବ୍ଲକ ଅଧୀନ ୨୫ ପଞ୍ଚାୟତର ୫୦ ଧର୍ମାନୁଷ୍ଠାନର ଉନ୍ନତୀକରଣ ନିମନ୍ତେ ୨ କୋଟି ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିଲା। ସେଥିମଧ୍ୟରେ ନିଳୋକ ପଞ୍ଚାୟତର ଓଳମସ୍ଥିତ ଜଗନ୍ନାଥ ମନ୍ଦିର ଲାଗି ୪ ଲକ୍ଷ, ବେଗନାସ୍ଥିତ ସିଦ୍ଧବାସୁଳି ମନ୍ଦିର ପାଇଁ ୪ ଲକ୍ଷ, ନିଳୋକ କୁମ୍ଭାରସାହିସ୍ଥିତ ହନୁମାନ ମନ୍ଦିର ଲାଗି ୪ ଲକ୍ଷ ଏବଂ ବନ୍ତ ପଞ୍ଚାୟତ ଶ୍ରୀବନ୍ତପୁରସ୍ଥିତ ତାରିଣୀ ମନ୍ଦିର ପାଇଁ ୪ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଥିଲା। ଶନିବାର ଏ ସମସ୍ତ ମନ୍ଦିରର ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ ହୋଇଯାଇଛି।

ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ଯୁବ ବିଜେଡି ସଭାପତି ବିପିନ ନାୟକ, ବ୍ଲକ ଛାତ୍ର ବିଜେଡି ସଭାପତି ପ୍ରଣବ କିଶୋର ଲେଙ୍କାଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ପ୍ରତିନିଧି ଓଳମ ନୋଡାଲ ଉ.ପ୍ରା. ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କଠାରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଏଥିସହ ନିଳୋକସ୍ଥିତ ବଉଳାଶୁଣୀ ପୀଠ ପରିଦର୍ଶନ କରି ମନ୍ଦିରର ଉନ୍ନତୀକରଣ ପାଇଁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## ସଂକ୍ଷେପରେ

### ଯୌତୁକ ପାଇଁ ବଧୂହତ୍ୟା ଘଟଣା ଫେରାର ଶାଶୁ, ଶ୍ୱଶୁର ଗିରଫ

ତିହିଡ଼ି,୨୩।୭(ସଞ୍ଜିତ୍ ବଳ)-ଭଦ୍ରକ ଜିଲା ବାଂଶଡ଼ା ଥାନା ଅଧୀନ ଗୋପୀନାଥପୁର ଜେନାସାହି ଗ୍ରାମରେ ଯୌତୁକ ପାଇଁ ବଧୂହତ୍ୟା ଘଟଣାରେ ଫେରାର ଥିବା ଶାଶୁ ଓ ଶ୍ୱଶୁର ଅଢ଼େଇ ମାସ ପରେ ଶନିବାର ଗିରଫ ହୋଇଛନ୍ତି। ସେମାନେ ହେଲେ ଶାଶୁ ମାଳତୀ ଜେନା ଓ ଶ୍ୱଶୁର ରବୀନ୍ଦ୍ର ଜେନା। ବୋହୂ ଦୀପା ଜେନାଙ୍କୁ ହତ୍ୟା ମାମଲାରେ ପୋଲିସ ସେମାନଙ୍କୁ କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ତିହିଡ଼ି ଥାନା ଅଧୀନ ଦୋଳସାହି ଗ୍ରାମର ବିଦ୍ୟାଧର ଜେନାଙ୍କ ଝିଅ ଦୀପାଙ୍କୁ ୭ବର୍ଷ ପୂର୍ବେ ରବୀନ୍ଦ୍ରଙ୍କ ପୁଅ କମଳାକାନ୍ତ ବିବାହ କରିଥିଲେ। ବିବାହର କିଛିଦିନ ପରେ ଦୀପାଙ୍କୁ ଯୌତୁକ ପାଇଁ ନିର୍ଯାତନା ଦିଆଯାଉଥିଲା। ଗତ ମେ ୧ରେ ଶାଶୁଘର ଲୋକେ ଦୀପାଙ୍କୁ ହତ୍ୟା କରି ଗଛରେ ଝୁଲାଇ ଦେଇଥିବା ତାଙ୍କ ଭାଇ ସଞ୍ଜୟ ବାଂଶଡ଼ା ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୧୫୪/୨୩) ରୁଜୁ କରିବା ସହ ମୃତ ଦୀପାଙ୍କ ସ୍ୱାମୀଙ୍କୁ ଗିରଫ କରିଥିଲା। ଦୀପାଙ୍କ ଶାଶୁ, ଶ୍ୱଶୁର ଫେରାର ଥିବାରୁ ସେମାନଙ୍କୁ ଗିରଫ କରିବାରେ ବିଳମ୍ବ ହୋଇଥିବା ଥାନା ଅଧିକାରୀ ଶ୍ରୀବଲ୍ଲଭ ସାହୁ କହିଛନ୍ତି।

### ଜିଲା କାରାଗାରରେ ସ୍ୱତନ୍ତ୍ର ଜେଲ ଅଦାଲତ

କେନ୍ଦୁଝର,୨୩।୭(ଦୀପକ ମିଶ୍ର): କେନ୍ଦୁଝର ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ଚିତ୍ତରଞ୍ଜନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ଅଧ୍ୟକ୍ଷତାରେ କେନ୍ଦୁଝର ଜିଲା କାରାଗାରରେ ଶନିବାର ଦିନ ଏକ ସ୍ୱତନ୍ତ୍ର ଜେଲ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡୀୟ ବିଭାଗୀୟ ବିଚାରପତି ସୁମିତ୍ରା କୁମାରୀ ଦାଶ ଓ ଜିଲା ଆଇନସେବା ପ୍ରାଧିକରଣର ସଚିବ ମାମି ବେହେରା ସ୍ୱତନ୍ତ୍ର ଜେଲ ଅଦାଲତ ପରିଚାଳନା କରିଥିଲେ।

## ପାଠ ପାଇଁ ବାଜିରେ ଛାତ୍ରୀଛାତ୍ରଙ୍କ ଜୀବନ

କେନ୍ଦୁଝର,୨୩।୭(ଦୀପକ ମିଶ୍ର)


ଅଭିଭାବକଙ୍କ କାନ୍ଧରେ ଛାତ୍ରୀଛାତ୍ର ଭରାନଦୀ ପାର ହୋଇ ସ୍କୁଲ ଯାଉଛନ୍ତି।

କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍‌ର ତାଳପଦା ଅଞ୍ଚଳରେ ଛାତ୍ରୀଛାତ୍ର ପାଠ ପାଇଁ ଜୀବନକୁ ବାଜିରେ ଲଗାଉଛନ୍ତି। ପ୍ରତ୍ୟହ ସମାକୋଇ ନଦୀ ପାର ହୋଇ ତାଳପଦା ସ୍କୁଲକୁ ଯାଉଛନ୍ତି। ଅଭିଭାବକ ସ୍କୁଲ ଯିବା ଓ ଛୁଟି ସମୟରେ ଅପେକ୍ଷା କରି ପାର କରୁଥିବା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ତେଲକୋଇ ବ୍ଲକ୍‌ର ତାଳପଦା ପଞ୍ଚାୟତ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବା ବେଳେ ଏଠାରେ ଗମନାଗମନର ବହୁ ସମସ୍ୟା ଲାଗିରହିଛି। ରାସ୍ତା ସୁବିଧା ନ ଥିବାରୁ ସ୍କୁଲ ଯିବା ପାଇଁ ପିଲାମାନଙ୍କୁ ବିପଦପୂର୍ଣ୍ଣ ଅବସ୍ଥାରେ ଉଛୁଳା ନଦୀ ପାରହେବାକୁ ପଡୁଛି। ପ୍ରତ୍ୟକ ଦିନ ୧୫ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ୩ କିଲୋମିଟର ବାଟ ପାଦରେ ଚାଲି ସ୍କୁଲକୁ ଆସନ୍ତି। କିନ୍ତୁ ଏମାନଙ୍କ ରାସ୍ତାରେ ବାଟ ଓଗାଳେ ସମାକୋଇ ନଦୀ। ବର୍ଷା ଋତୁ ୪ ମାସ ନଦୀରେ ପାଣି ଅଧିକ ରହୁଥିବାରୁ ଯାତାୟାତ ସମସ୍ୟା ଦେଖାଦେଉଛି। ଅଞ୍ଚଳରେ ଅନ୍ୟ କୌଣସି ସୁବିଧା ନ ଥିବାରୁ ପାଣି ସାମାନ୍ୟ କମିବା ପରେ ଅବିଭାବକମାନେ ପିଲାଙ୍କୁ କାନ୍ଧରେ ବସାଇ ବିପଦଜ୍ଜନକ ଅବସ୍ଥାରେ ନଦୀ ପାର କରାଇ ସ୍କୁଲକୁ ପଠାଇଥାଆନ୍ତି। ଅନୁରୂପ ସମସ୍ତ କାମ ପଛରେ ପକାଇ ପିଲାଙ୍କର ଫେରିବା ବାଟକୁ ଚାହିଁ ରହିଥାଆନ୍ତି। ପୁଣି କାନ୍ଧରେ ବସାଇ ନଦୀ ପାରକରାଇ ଘରକୁ ଆଣିଥାଆନ୍ତି। ଏଭଳି ଅବସ୍ଥାରେ ଅନେକ ସମୟରେ ପଥରରେ ଗୋଡ଼ ଖସି ପିଲାମାନେ ପାଣିରେ ପଡ଼ିବାର ନଜିର ମଧ୍ୟ ରହିଛି। ଏଥିରେ ସମଗ୍ର ଅଞ୍ଚଳର ଗୁରୁତର ରୋଗୀଙ୍କ ସହ ଗର୍ଭବତୀ ମହିଳାମାନେ ମଧ୍ୟ ପ୍ରଭାବିତ ହେଉଛନ୍ତି। ଏ ସମ୍ପର୍କରେ ତେଲକୋଇ ବିଡିଓ ସାନ୍ତନୁ ନାଏକ କହିଛନ୍ତି, ସେଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସ୍ଥାୟୀ ପୋଲ ନିର୍ମାଣ କରିବାକୁ ପ୍ରସ୍ତାବ ରହିଛି। କିନ୍ତୁ ବର୍ତ୍ତମାନ ସମସ୍ୟାକୁ ନଜରରେ ରଖି ସୋମବାର ଘଟଣାର ତଦନ୍ତ କରି ସମାଧାନ ପାଇଁ ପ୍ରୟାସ କରାଯିବ।

## ବିଜେଡି ନିର୍ବାଚନ ମଣ୍ଡଳୀସ୍ତରୀୟ ବୈଠକ

ମୋରଡ଼ା,୨୩।୭(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡି କର୍ମୀ ବୈଠକ ଶନିବାର ଚିତ୍ରଡ଼ାସ୍ଥିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମୋରଡ଼ା ବିଧାୟକ ରାଜକିଶୋର ଦାସଙ୍କ ପୌରହିତ୍ୟରେ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଯୋଗଦେଇ କର୍ମୀମାନଙ୍କୁ ୱାର୍ଡସ୍ତରରୁ ସଂଗଠନକୁ ମଜବୁତ କରିବା ପାଇଁ ଏବଂ ଲୋକଙ୍କ ପାଖକୁ ଯାଇ ଲୋକଙ୍କ ସମସ୍ୟା ବୁଝି ସମସ୍ୟା ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନ ପାଇଁ କର୍ମୀମାନଙ୍କୁ ନିର୍ବାଚନ ମଣ୍ଡଳୀର ନେତାଙ୍କ ପରାମର୍ଶ ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଥିଲେ। ଏହି ଅବସରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡାକ୍ତର ଦେବାଶିଷ ମାର୍ଣ୍ଡି, ପ୍ରାକ୍ତନ ବିଧାୟକ ଭାଦବ ହାଁସଦା, ଆଦିତ୍ୟ ପଣ୍ଡା, ମନୋଜ ମହାନ୍ତ, ମୋରଡ଼ା ବ୍ଲକ୍ ଉପାଧ୍ୟକ୍ଷା ଜେମାମଣି ମହାନ୍ତ, ଜିଲାପରିଷଦ ସଭ୍ୟା ଝରଣା ମୁର୍ମୁ, ମିନାକ୍ଷୀ ସୋରେନ ପ୍ରମୁଖଙ୍କ ସମେତ ଦଳର ସମସ୍ତ କର୍ମକର୍ତ୍ତା, ବରିଷ୍ଠ ନେତା, କର୍ମୀ ଏବଂ ସମର୍ଥକମାନେ ଉପସ୍ଥିତ ରହିଥିଲେ।

## ନିଶା ନିବାରଣ ସଚେତନତା


ସଚେତନତା କାର୍ଯ୍ୟକ୍ରମରେ ନିଶା ନିବାରଣ କମିଟି କର୍ମକର୍ତ୍ତା।

ଭଦ୍ରକ, ୨୩।୭ (ରବିନାରାୟଣ ଖିଲାର)

ଅଷ୍ଟମରୁ ଦଶମ ଶ୍ରେଣୀ ମଧ୍ୟରେ ଛାତ୍ରମାନେ ମଦ, ସିଗାରେଟ୍, ଗୁଟ୍‌ଖା ଭଳି ତମାଖୁ ସେବନ କରୁଥିବାରୁ ଧୀରେ ଧୀରେ ନିଶାଗ୍ରସ୍ତ ହୋଇ ଯାଉଛନ୍ତି। ଏପରିକି ବ୍ରାଉନସୁଗାର ସେବନ କରି ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି ହେଉଛନ୍ତି, ଯାହାକି ଅଭିଭାବକ ପାଇଁ ଚିନ୍ତାର କାରଣ ହୋଇଛି। କୋମଳ ଅବସ୍ଥାରେ ଛାତ୍ରମାନେ ପଥଭ୍ରଷ୍ଟ ହୋଇଯାଉଛନ୍ତି ବୋଲି ରାଜ୍ୟସ୍ତରୀୟ ନିଶା ନିବାରଣ କମିଟି ପକ୍ଷରୁ ରବିବାର ଭଦ୍ରକର ଚୁନିଦାଠାରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। କମିଟିର ରାଜ୍ୟ ସଭାପତି ଖବରଦାତା ରବି ନାରାୟଣ ଖିଲାର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ପ୍ରଭାକର ପରିଡ଼ା, ମୁଖ୍ୟବକ୍ତା ପଣ୍ଡିତ ଦୟାନିଧି ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ସରପଞ୍ଚ ନିରଞ୍ଜନ ମଲ୍ଲିକ, ପ୍ରଧାନଶିକ୍ଷକ ମନୋଜ ସିଂ, ବଟକୃଷ୍ଣ ସେଠି, ଶେଖର ଜେନା, ମନୋରଞ୍ଜନ ଗୋସ୍ୱାମୀ, ସାମାଜିକ କର୍ମୀ ଗୌରଗୋପାଳ ଜେନା, ନିତ୍ୟାନନ୍ଦ ବେହେରା, ଖବରଦାତା ପ୍ରଦୀପ ମହାପାତ୍ର, ଟୁଟୁ ବେହେରା, ଜଗନ୍ନାଥ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ଆବାହକ ସହଦେବ ସାହୁ ପ୍ରାରମ୍ଭିକ ସୂଚନା, ଜିଲା ସଂଯୋଜକ କୃଷ୍ଣଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ଓ ରାଜ୍ୟ ସମ୍ପାଦକ ସନ୍ତୋଷ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। କମିଟି ପକ୍ଷରୁ ସନ୍ତୋଷୀ ମା’ ମନ୍ଦିର ପରିସରରେ ଚାରାରୋପଣ କରାଯାଇଥିଲା। ଗଜେନ୍ଦ୍ର ଜେନା, ସୀତାରାମ ଜେନା, ନାରାୟଣ ଚନ୍ଦ୍ର ବାରିକ, ଗୌରାଙ୍ଗ ବାରିକ, ଅମିତ ଦାସ, ସୁବାସ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରେନ୍ ପଛକୁ ଫେରି ଗାର୍ଡଙ୍କୁ ଷ୍ଟେଶନରେ ଛାଡ଼ିଲା

**ବାପାଙ୍କ ମୃତ୍ୟୁ ଖବର ଶୁଣି ତରଳିଗଲେ କର୍ତ୍ତୃପକ୍ଷ**

ଜଳେଶ୍ୱର, ୨୩।୭(ରବିନାରାୟଣ ପାତ୍ର)

ଦକ୍ଷିଣପୂର୍ବ ରେଳପଥରେ ଯାଉଥିବା ଏକ ମାଲବାହୀ ଟ୍ରେନରେ କାର୍ଯ୍ୟରତ ଜଣେ ଗାର୍ଡ ବାପାଙ୍କ ଦେହାନ୍ତ ଖବର ପାଇଥିଲେ। ଗାର୍ଡଜଣକ ମ୍ରିୟମାଣ ହୋଇ ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ଗାର୍ଡଙ୍କ ଦୁଃଖରେ ତରଳିଯାଇ ଟ୍ରେନ୍‌କୁ ୧ କି.ମି ପଛକୁ ପଛାଇ ଆଣି ଗାର୍ଡଙ୍କୁ ଷ୍ଟେଶନରେ ଛାଡିବା ଲାଗି ଅଧିକାରୀଜଣକ ନିର୍ଦ୍ଦେଶ ଦେଇଥିଲେ। ପରେ ଗାର୍ଡ ଜଣକ ଅନ୍ୟ ଏକ ଟ୍ରେନ୍‌ରେ ନିଜ ଘର ଅଭିମୁଖେ ଯାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ରେଳବିଭାଗର ବେପରୁଆ କାର୍ଯ୍ୟକୁ ସାଧାରଣରେ ସମାଲୋଚନା କରାଯାଇଛି।

ଶନିବାର ଅପରାହ୍ନରେ ଏକ କୋଇଲା ବୋଝେଇ ଗୁଡସ୍ ଟ୍ରେନ୍ ଭଦ୍ରକରୁ ନିମପୁରା ଯାଉଥିଲା। ଜଳେଶ୍ୱର ଷ୍ଟେଶନ ଛାଡି ପ୍ରାୟ ୧ କି.ମି. ଦୂର ଲକ୍ଷ୍ମଣନାଥମୁହାଁ ହେବା ପରେ କାର୍ଯ୍ୟରତ ଗାର୍ଡ ଭି.କେ ଦାସଙ୍କ ଘରୁ ଫୋନ କଲ୍ ଆସିଥିଲା । ତାଙ୍କ ବାପାଙ୍କ ଦେହାନ୍ତ ଖବର ପାଇ ସେ ଅତିଷ୍ଠ ହୋଇପଡିଥିଲେ। ସେ ତତ୍‌କ୍ଷଣାତ୍ ଖଡଗପୁର କଣ୍ଟ୍ରୋଲ ରୁମ୍‌ର ଜଣେ ଅଧିକାରୀଙ୍କୁ ଜଣାଇବା ପରେ ଅଧିକାରୀ ଜଣକ ଜଳେଶ୍ୱର ଷ୍ଟେଶନକୁ ଖବର ଦେଇଥିଲେ। ଉକ୍ତ କୋଇଲା ବୋଝେଇ ମାଲଗାଡି ପ୍ରାୟ ୧ କି.ମି. ପଛକୁ ଫେରିଆସି ଗାର୍ଡ ଦାସଙ୍କୁ ଷ୍ଟେଶନରେ ଛାଡିଥିଲା। ଗାର୍ଡଜଣକ ପୁରୀରୁ ସାଲିମାର ଯାଉଥିବା ଟ୍ରେନ୍‌ରେ ଘର ଅଭିମୁଖେ ଯାଇଥିବା ଜଣାଯାଇଛି । ଟ୍ରେନ୍‌କୁ ୧ କିମି. ପଛକୁ ଫେରାଇବା ବେଳେ ଯଦି କୌଣସି ଦୁର୍ଘଟଣା ଘଟିଥାନ୍ତା ସେଥିପାଇଁ କିଏ ଦାୟୀ ହୋଇଥାନ୍ତେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

ରୂପ୍‌ସା, ୨୩।୭(ବାଞ୍ଛାନିଧି ଦେ)

ଚାଷ ଜମିରେ କାମ କରୁଥିବାବେଳେ ରବିବାର ସାପ କାମୁଡ଼ାରେ ଜଣେ ଚାଷୀଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବାଲେଶ୍ୱର ଜିଲା ବସ୍ତା ଥାନା ଅମର୍ଦ୍ଦାରୋଡ଼ ଫାଣ୍ଡିଅଧୀନ ହଦମୌଦ ଗ୍ରାମର ସୁଧାକର ଜେନା(୫୦)। ସୁଧାକର ସକାଳ ସମୟରେ ବିଲକୁ ହାଣିବାକୁ ଯାଇଥିଲେ। ଏହି ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ବସ୍ତା ଥାନାରେ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ. ୨୯/୨୩) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

## ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ


ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ।

ବାରିପଦା,୨୩।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଫେସିଲିଟେସନ ସେଣ୍ଟରରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିନୀତ ଭରଦ୍ୱାଜ ସଭାପତିତ୍ୱ କରି ଚଳିତ ବର୍ଷ ୭୭ତମ ସ୍ୱାଧୀନତା ଦିବସକୁ ଆକର୍ଷଣୀୟ ଭାବେ ପାଳନ କରିବା ପାଇଁ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜନ ତଥା ଏଥିପାଇଁ ଉପଯୁକ୍ତ ବିଚାରକ ମଣ୍ଡଳୀ ଚୟନ, ପ୍ୟାରେଡ୍ ପଡ଼ିଆ ସୁସଜ୍ଜିକରଣ, ଅଭିବାଦନ ମଞ୍ଚ ପ୍ରସ୍ତୁତି, ନିମନ୍ତ୍ରିତ ଅତିଥିମାନଙ୍କ ବସିବା ପାଇଁ ଉତ୍ତମ ବ୍ୟବସ୍ଥା, ସହରାଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନ କରିବା, ପ୍ୟାରେଡ୍ ପଡ଼ିଆଠାରେ ପାନୀୟ ଜଳ ଯୋଗାଣ, ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା, ରାମଧୁନ ପରିବେଷଣ ଇତ୍ୟାଦି କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିବା ନିମନ୍ତେ ବିଭିନ୍ନ କମିଟି ଗଠନ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀ ତଥା ବ୍ୟକ୍ତି ବିଶେଷଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯିବା ନେଇ ଜିଲାପାଳ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଭାରେ ଯୋଗ ଦେଇଥିବା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) ରୁଦ୍ର ନାରାୟଣ ମହାନ୍ତି, ଅତିରିକ୍ତ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ଉମେଶ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ, ଶିକ୍ଷାନୁଷ୍ଠାନର ମୁଖ୍ୟ ତଥା ଶିକ୍ଷୟିତ୍ରୀ ଶିକ୍ଷକ, ଅଧାପିକା ଅଧାପକ, ବରିଷ୍ଠ ନାଗରିକ, ଆଇନଜୀବୀ, ସହରର ମାନ୍ୟଗଣ୍ୟ ବ୍ୟକ୍ତି, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଜଙ୍ଗଲରୁ ମଦ ରନ୍ଧା ସାମଗ୍ରୀ ଜବତ

ମୋରଡ଼ା,୨୩।୭(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଅବକାରୀ ବିଭାଗ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ମଦରନ୍ଧା ସାମଗ୍ରୀ ଜବତ କରିଛି। ଜିଲା ଅବକାରୀ ଅଧିକାରୀ ପ୍ରଶାନ୍ତ କୁମାର କହ୍ନରଙ୍କ ନିର୍ଦ୍ଦେଶକ୍ରମେ ତଥା ଇନ୍ସପେକ୍ଟର ବିକାଶ ଟପ୍ପୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୋରଡ଼ା ଅବକାରୀ ଅଧିକାରୀ ପୀତାମ୍ବର ମହାପାତ୍ର, ଜିଲା ମୋବାଇଲ ୟୁନିଟ୍, ଅବକାରୀ କର୍ମଚାରୀ ପ୍ରମୁଖ ଗଡିଗାଁ ପଞ୍ଚାୟତର ହାଣ୍ଡିଭଙ୍ଗା ଜଙ୍ଗଲରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ସେଠାରେ ୨୨୮୦ଲିଟର ମହୁଲ ପୋଚ ଏବଂ ୪୦ ଲିଟର ବିଦେଶୀ ମଦ ନଷ୍ଟ କରିଥିଲେ। ମଦ ତିଆରି ପାଇଁ ବ୍ୟବହୃତ ହେଉଥିବା ୧ଲକ୍ଷ ୬୦ ହଜାର ଟଙ୍କାର ବିଭିନ୍ନ ସାମଗ୍ରୀ ଜବତ କରିଥିଲେ। ଏନେଇ ମୋରଡ଼ା ଅବକାରୀ ଥାନାରେ ଏକ ମାମଲା(ନଂ.୭୮/୨୩) ରଜୁ ହୋଇଛି। ତେବେ ଏହି ଘଟଣାରେ କାହାକୁ ଗିରଫ କରା ନ ଯିବା ଅବକାରୀ ବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଜିଲା ମୁଖ୍ୟ ଚିକିତ୍ସାଳୟରେ ସରଞ୍ଜାମ ଅଭାବ

**ହନ୍ତସନ୍ତ ହେଉଛନ୍ତି ରୋଗୀ**

କେନ୍ଦୁଝର,୨୩।୭(ନରେଶ ପଟ୍ଟନାୟକ)


ସିଟି ସ୍କାନ୍ ଓ ଡାଇଲିସିସ ୱାର୍ଡକୁ ଯିବା ପାଇଁ ଥିବା ହ୍ୱିଲ ଚେୟାର ଭାଙ୍ଗି ପଡ଼ିଛି।

କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ରୋଗୀଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ସୁବିଧା ନ ଥିବାରୁ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଗରୀବ ରୋଗୀମାନେ ବାହାରେ ଚିକିତ୍ସିତ ହୋଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏହାର ଫାଇଦା ଘରୋଇ ନର୍ସିଂହୋମ, ମେଡିକାଲଗୁଡ଼ିକ ଉଠାଉଛନ୍ତି। ସେହିପରି ବହୁ ଦାମୀ ମେଡିସିନ କିଣାଯାଇଛି କିନ୍ତୁ ସେସବୁ ବିଭିନ୍ନ କାରଣରୁ କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ଫଳରେ ଲକ୍ଷ ଲକ୍ଷ ଟଙ୍କା କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ ହେଉଛି।

ଦୃଷ୍ଟାନ୍ତ ସ୍ୱରୂପ ଅସ୍ଥିଶଲ୍ୟ ବିଭାଗରେ ଅପରେସନ ପାଇଁ ସି ଆର୍ମ ମେସିନ ରହିଥିଲେ ହେଁ ଏହାର ବ୍ୟବହାର ପାଇଁ ଟେବୁଲ ନାହିଁ। ଫଳରେ ଏହି ମୂଲ୍ୟବାନ ମେସିନ ବ୍ୟବହାର ହୋଇପାରୁନାହିଁ। ଏହି ମେସିନରେ ରୋଗୀର ଶରୀରର ଶିରାପ୍ରସିରା ଓ ମାଂଶପେଷୀକୁ ଦେଖାଯାଇଥାଏ। ସେ ଅନୁଯାୟୀ ଠିକ୍ ଶିରା ବା ମାଂଶପେଷୀରେ ଇଞ୍ଜେକ୍ସନ ଦିଆଯାଇଥାଏ। ସେହିପରି ଅପରେସନ ଦ୍ୱାରା ହାଡ଼ ଯୋଡ଼ିବା ପାଇଁ ଆବଶ୍ୟକ ସ୍କ୍ରୁ, ପ୍ଲେଟ୍ ଆଦି ସରଞ୍ଜାମ ନାହିଁ। ସିଟି ସ୍କାନ୍ ଓ ଡାଇଲିସିସ ୱାର୍ଡକୁ ଯିବା ପାଇଁ ଥିବା ହ୍ୱିଲ୍ ଚେୟାର ଭାଙ୍ଗିଯାଇଛି। ସଜଡ଼ା ଯାଉ ନ ଥିବାରୁ ବିଶେଷ କରି ଗୁରୁତର ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଅକଥନୀୟ ଅସୁବିଧା ଭୋଗୁଛନ୍ତି। ବାହାରୁ ସିଟି ସ୍କାନ କେନ୍ଦ୍ର ତଥା ଡାଇଲିସିସ ୱାର୍ଡକୁ ଯିବାକୁ ରୋଗୀଙ୍କୁ ଟେକି ଟେକି ନେବାକୁ ପଡୁଛି। ଜିଲାରେ ଅର୍ଥାଭାବ ନ ଥିବା ବେଳେ ଏଭଳି ଅବସ୍ଥାର ସମାଧାନ କରି ଗରୀବ ଲୋକଙ୍କୁ ସହାୟତା ଦେବାକୁ ସାମାଜିକ କର୍ମୀ ଦୀପକ ପତି ଦାବି କରିଛନ୍ତି। ସିଡିଏମ୍‌ଓ ଡାକ୍ତର କେ.ସି. ପୃଷ୍ଟି କହିଛନ୍ତି, ଯେଉଁ ସବୁ ମେସିନ କାମ କରୁନାହିଁ ସେସବୁ କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନିଆଯାଉଛି। ସେହିପରି ଜରୁରୀ ଓ ଆବଶ୍ୟକ ସରଞ୍ଜାମ କିଣିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ।

### ୪.୫ ଫୁଟ ଅଜଗର ଉଦ୍ଧାର

ନୀଳଗିରି, (ପ୍ରଶାନ୍ତ ବିଶ୍ୱାଳ)-ବାଲେଶ୍ୱର ଜିଲା ନୀଳଗିରି ଥାନା ଔପଦା ବ୍ଲକ ଅଧୀନ ଗୁହାଲିଆ, ହାଟସାହି ଗ୍ରାମର କମଳାକାନ୍ତ ବେହେରାଙ୍କ ଘର ନିକଟରେ ଥିବା ଏକ ବେଲ ଗଛରେ ୪.୫ ଫୁଟ ଲମ୍ବର ଅଜଗର ଗୁଡ଼ାଇ ହୋଇ ରହିଥିଲା। ଏହା ଦେଖି ପରିବାର ଲୋକେ ଭୟଭୀତ ହୋଇପଡ଼ିଥିଲେ। ସମାଜସେବୀ ତଥା ସାପ ଧରାଳି ହରେକୃଷ୍ଣ ରାଉତ ପହଞ୍ଚି ଅଜଗରକୁ ଉଦ୍ଧାର କରି ସ୍ଥାନୀୟ ଜଙ୍ଗଲରେ ଛାଡ଼ିଦେଇଛନ୍ତି।

## ସଂକ୍ଷେପରେ

### ଫ୍ରିଜ ପଡ଼ି ଯୁବକଙ୍କ ମୃତ୍ୟୁ

ସୋର, ୨୩।୭(ଜନ୍ମେଜୟ ମିଶ୍ର)- ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ରାଇପିତାମ୍ବର ଗ୍ରାମର ଜଣେ ଯୁବକଙ୍କ ଉପରେ ଫ୍ରିଜ ପଡ଼ିଯିବାରୁ ସେ ଗୁରୁତର ଆହତ ହୋଇଥିଲେ। ସୋର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଗ୍ରାମର ରମେଶ ଚନ୍ଦ୍ର ବିଶ୍ୱାଳ (୪୮) ଶନିବାର ରାତିରେ ଖାଇପିଇ ଶୋଇଥିବା ବେଳେ ସେ ସାମାନ୍ୟ ମାନସିକ ବିକୃତ ଥିବାରୁ ଭୋର ସମୟରେ ଘରେ ଥିବା ଜିନିଷ ପତ୍ର ଭଙ୍ଗାରୁଜା କରିଥିଲେ। ଏହି ସମୟରେ ଘରେ ଥିବା ଫ୍ରିଜ ତାଙ୍କ ମୁଣ୍ଡ ଉପରେ ପଡ଼ିଯାଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କ ଚିତ୍କାର ଶୁଣି ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୋର ପୋଲିସ ଡାକ୍ତରଖାନାରେ ପହଞ୍ଚି ଏକ ମାମଲା (ନଂ. ୪୦/୨୩) ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ବୃଦ୍ଧଙ୍କ ମୃତଦେହ ଜବତ

ନୀଳଗିରି, ୨୩।୭(ପ୍ରଶାନ୍ତ ବିଶ୍ୱାଳ)- ନୀଳଗିରି ଥାନା ମହିଷାପଟା ପଞ୍ଚାୟତ ବାଣିଆଗାଁ ନିକଟବର୍ତ୍ତୀ ଏକ ପାଣି ଭର୍ତ୍ତି ପୁରୁଣା ପଥରଖାଦାନରେ ଏକ ବୃଦ୍ଧଙ୍କ ମୃତଦେହ ଭାସୁଥିବା ଦେଖି ଲୋକେ ନୀଳଗିରି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହକୁ ଜବତ କରି ନୀଳଗିରି ମେଡ଼ିକାଲ ଆଣିଥିଲେ। ସେ ହେଲେ ଅଯୋଧା ଫାଣ୍ଡି ଅଧୀନ ତେନ୍ତୁଳାପଡ଼ା ଗ୍ରାମର ୭୦ବର୍ଷୀୟ ରଘୁନାଥ ସିଂ। ତେବେ ରଘୁନାଥ ଦିନକ ପୂର୍ବରୁ ନିଖୋଜ ଥିଲେ। ଏନେଇ ନୀଳଗିରି ଥାନାରେ ରଘୁନାଥଙ୍କ ଝିଅ ପହଞ୍ଚି ଶବ ଚିହ୍ନଟ କରିବା ସହିତ ଲିଖିତ ଅଭିଯୋଗ କରିଛନ୍ତି। ନୀଳଗିରି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି।

### ସିପିଏମ୍‌ର ଜିଲାସ୍ତରୀୟ ଶିକ୍ଷା ଶିବିର

ଭଦ୍ରକ, ୨୩।୭(ସନାତନ ରାଉତ)- ଦେଶରେ ଗଣତନ୍ତ୍ର, ସମ୍ବିଧାନ, ସଂସଦ, ସାର୍ବଭୌମତ୍ୱ ଏବେ ବିପଦରେ। ଦର ଦାମ୍ ବୃଦ୍ଧି, ବେକାରୀ ସମସ୍ୟା ଉତ୍କଟ, ସରକାରୀ କଳକାରଖାନା, ଶିଳ୍ପ, ବନ୍ଦର, ବ୍ୟାଙ୍କ, ରେଳ, ବୀମା କମ୍ପାନୀକୁ ବିକ୍ରି କରାଯାଉଛି। ଚାଷୀ ମୂଲିଆ ଅଭାବୀ ବିକ୍ରିର ସମ୍ମୁଖୀନ ହେବାକୁ ପଡୁଛି। ମହିଳାମାନଙ୍କ ଉପରେ ଆକ୍ରମଣ ବଢ଼ିବାରେ ଲାଗିଛି। ଏସବୁ ବିରୋଧରେ ଆନ୍ଦୋଳନ ବ୍ୟାପକ କରିବା ପାଇଁ ସିପିଏମ୍ ପକ୍ଷରୁ ଦୁଇଦିନିଆ ଜିଲାସ୍ତରୀୟ ଶିକ୍ଷା ଶିବିର ଭଦ୍ରକ ସଂସ୍କୃତି ଭବନରେ ଶନିବାର ଆରମ୍ଭ ହୋଇଛି। ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ ମାର୍କ୍ସବାଦ ଦର୍ଶନ ଓ କର୍ମସୂଚୀ ବାବଦରେ ଅବଗତ କରାଇବା ସହ ଜାତି ଜାତି ମଧ୍ୟରେ ବିବାଦ ସୃଷ୍ଟି କରୁଥିବା ରାଜନୈତିକ ଦଳ ବିରୋଧରେ ବାମପନ୍ଥୀ ଦଳକୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବାକୁ ହେବ ବୋଲି କହିଥିଲେ। ଚନ୍ଦ୍ରଶେଖର ନାୟକଙ୍କ ସଭାପତିତ୍ୱରେ ସମ୍ପାଦକ ଦିବ୍ୟସିଂହ ନାୟକ, ପ୍ରଫୁଲ୍ଲ ପାଢ଼ୀ, ପ୍ରଭାସ ମହାପାତ୍ର ଓ ରାଧା ଦାସ ଶିବିରକୁ ପରିଚାଳନା କରିଥିଲେ।

### ଝାଡ଼ଖଣ୍ଡ ଚକ୍ରଧରପୁରରେ ୨୧ ଶହ ବର୍ଣ୍ଣବୋଧ ବଣ୍ଟନ

କେନ୍ଦୁଝର, ୨୩।୭(ନରେଶ ଚନ୍ଦ୍ର ପଟ୍ଟନାୟକ): ଉତ୍କଳ ସମ୍ମିଳନୀ କେନ୍ଦ୍ର ସମିତି ପକ୍ଷରୁ ରବିବାର ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମି ଜିଲା ଚକ୍ରଧରପୁରେ ୨୧୦୦ ବର୍ଣ୍ଣବୋଧ ନିଶୁଳ୍କ ବିତରଣ କରାଯାଇଛି। ଉତ୍କଳ ସମ୍ମିଳନୀ କେନ୍ଦ୍ର ସମିତିର ସଭାପତି ପ୍ରଫେସର ଡ. ଅଦ୍ୱୈତ୍ୟ ପାତ୍ର, ଉପସଭାପତି ପଦ୍ମନାଭ ସାମଲ, ସାଧାରଣ ସମ୍ପାଦକ ରବିନ୍ଦ୍ର ମିଶ୍ର, କୋଷାଧ୍ୟକ୍ଷ ଭୀମସେନ ମହାପାତ୍ର, ଓଡ଼ିଆ ଭାଷା ବିକାଶ ପରିଷଦ ଝାଡ଼ଖଣ୍ଡର ସଭାପତି ପ୍ରଫେସର ଡଃ ନାଗେଶ୍ୱର ପ୍ରଧାନ, ସାଧାରଣ ସମ୍ପାଦକ ଦିଲ୍ଲୀପ ପ୍ରଧାନ, ଉତ୍କଳ ସମ୍ମିଳନୀ ପଶ୍ଚିମ ସିଂହଭୂମି ଜିଲା ଶାଖା ସଭାପତି ପ୍ରଦୀପ୍ତ ଦାଶ, ସାଧାରଣ ସମ୍ପାଦକ ଅମ୍ବିକା ଚରଣ ଦିକ୍ଷୀତ, ପୂର୍ବତନ ସଭାପତି ସରୋଜ ପ୍ରଧାନ, ସମ୍ପାଦକ ପୁର୍ଣ୍ଣେନ୍ଦୁ ନନ୍ଦ, ଓଡ଼ିଆ ମାତୃଭାଷା ଶିକ୍ଷା ଉପରେ ଆଲୋକପାତ କରିଥିଲେ। ଚକ୍ରଧରପୁର, ଚାଇଁବସା, ଜଗନ୍ନାଥପୁର, ବନ୍ଦଗାଁ ଓ ସୋଣୁଆ ପ୍ରଖଣ୍ଡର ବୈଦନାଥ ପ୍ରଧାନ, ପିତବାସ ପ୍ରଧାନ, ଉମାଚରଣ ପ୍ରଧାନ, ରମେଶ ପ୍ରଧାନ, ସନ୍ତୋଷ କୁମ୍ଭକାର, ଆରତୀ ଷଡ଼ଙ୍ଗୀ, ଦିପ୍ତିଲତା ଗିରି, ବାସନ୍ତୀ ମହାନ୍ତ, ସୁଭଦ୍ରା ମିସ୍ତ୍ରୀ, ଅନିତା ପଥାଳ, ପୁଷ୍ପଲତା ମଣ୍ଡଳ, ବୃନ୍ଦାବତୀ ପ୍ରଧାନ, ବିଦ୍ୟାବତୀ ଗିରି, ଆରତୀ ମଣ୍ଡଳ ଆଦି ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ।

# ଜମି ବିବାଦରୁ ନିର୍ମାଣ ହୋଇପାରୁନି ସ୍ୱାସ୍ଥ୍ୟକେନ୍ଦ୍ର

## ଅନୁଦାନ ଫେରିଯିବା ଆଶଙ୍କା

### ଭଙ୍ଗା ଆଜବେଷ୍ଟସ ଘରେ ଚାଲିଛି ରୋଗୀସେବା

ଭଦ୍ରକ, ୨୩।୭(ସନାତନ ରାଉତ)

ଭଦ୍ରକ ଜିଲା ଧାମନଗର ବ୍ଲକ ନଦୀଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ମଞ୍ଜୁର ହୋଇଥିବା ୯୬ ଲକ୍ଷ ଟଙ୍କା ଅନୁଦାନ କାମ ନ ହୋଇ ପଡ଼ି ରହିଛି। ଜମି ବିବାଦ ଓ କୋର୍ଟରେ ମାମଲା ପାଇଁ ନିର୍ମାଣ ବିଳମ୍ବ ହେଉଥିବାରୁ ଅନୁଦାନ ଫେରିଯିବାର ଆଶଙ୍କା ଦେଖାଦେଇଛି। କିଛିବର୍ଷ ପୂର୍ବରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ମରାମତି ପାଇଁ ୧୦ ଲକ୍ଷ ଓ ପରେ ୨୨ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ଜମି ବିବାଦ ଯୋଗୁ ଉକ୍ତ ଟଙ୍କା ଖର୍ଚ୍ଚ ନ ହୋଇ ଫେରିଯାଇଥିଲା। ପୁନର୍ବାର ଉକ୍ତ ବିବାଦ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ ବିଳମ୍ବ ହେବା ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଜମି ବିବାଦର ସମାଧାନ କରାଯାଇ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରିବାକୁ ଅଞ୍ଚଳର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

ପ୍ରକାଶ ଯେ, ନଦୀଗାଁରେ ସ୍ୱାସ୍ଥ୍ୟସେବା ପାଇଁ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ଜଗନ୍ନାଥ ରାଉତଙ୍କ ଉଦ୍ୟମକ୍ରମେ ସରକାରୀ ଡାକ୍ତରଖାନା ଖୋଲାଯାଇଥିଲା। ଗୃହ ନିର୍ମାଣ ନିମନ୍ତେ ପଞ୍ଚାୟତର କେତେଜଣ ବଦାନ୍ୟ ବ୍ୟକ୍ତି ୯୬ ଡିସିମିଲ ଜମି ଦାନ କରିଥିଲେ। ହେଲେ ଉକ୍ତ ଜମି ପଞ୍ଜୀକରଣ କରାଯାଇ ନ ଥିବାରୁ ସରକାରୀ ଖାତାକୁ ଯାଇପାରି ନାହିଁ। ଏହି ଜମିର କିଛି ଅଂଶକୁ ୩ଜଣ ଉତ୍ତରାଧିକାରୀ ବିକ୍ରି କରିଦେଇଥିବାରୁ ବିବାଦ ସୃଷ୍ଟି ହୋଇଛି। ଏହି ବିବାଦ ଏବେ କୋର୍ଟରେ ବିଚାରାଧୀନ ରହିଛି। ଭଙ୍ଗା ଆଜବେଷ୍ଟସ ଘରେ ରୋଗୀସେବା ଚାଲିଥିବା ବେଳେ ନୂତନ ଗୃହ ନିର୍ମାଣ ଲାଗି ୧ ବର୍ଷ ପୂର୍ବରୁ ଅନୁଦାନ ଆସିଥିଲା। ବିବାଦୀୟ ଜମି ଉପରେ ମେଡିକାଲ ନିର୍ମାଣ ନ କରି ସ୍ୱାସ୍ଥ୍ୟକେନ୍ଦ୍ର ପଛପଟେ ଥିବା ନଦୀଗାଁ ପଞ୍ଚାୟତର ସୀମାନ୍ତ ଭଟ୍ଟସାହି ପଞ୍ଚାୟତରେ ୧ ଏକରରୁ ଅଧିକ ସରକାରୀ ଜମିରେ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ କରିବାକୁ ସରକାରୀସ୍ତରରେ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହି ନିଷ୍ପତ୍ତିକୁ ନଦୀଗାଁର ଲୋକେ ବିରୋଧ କରିବା ସହ କୋର୍ଟରେ ମାମଲା ଦାଏର କରାଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ନିର୍ଦ୍ଦେଶକ୍ରମେ ବିଡିଓ ବନବିହାରୀ ଦିଣ୍ଡା ଓ ଅତିରିକ୍ତ ତହସିଲଦାର ସାଇ ସିଲୋନା ନିକଟରେ କ୍ଷେତ୍ରୀୟ ତଦନ୍ତ କରିଛନ୍ତି। ରିପୋର୍ଟ ଦେବା ପରେ ପରବର୍ତ୍ତୀ ପଦକ୍ଷେପକୁ ସ୍ଥାନୀୟ ଲୋକେ ଅପେକ୍ଷା କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର କହିଛନ୍ତି, ଜମି ବିବାଦ ରହିଥିବାରୁ ଉକ୍ତ ଜମି ଉପରେ ନିର୍ମାଣ କାର୍ଯ୍ୟ ଆଗକୁ ଯାଇପାରୁ ନାହିଁ। ବିବାଦର ସମାଧାନ ପରେ କାର୍ଯ୍ୟ ଆରମ୍ଭ ହେବ।

# ସମସାମୟିକ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ



ଚିତ୍ରକଳା ପ୍ରଦର୍ଶନୀକୁ ଜିଲାପାଳ ଦେଖୁଛନ୍ତି।

ବାଲେଶ୍ୱର ଅଫିସ, ୨୩।୭(ମାନସ ବିଶ୍ୱାଳ)

ବାଲେଶ୍ୱର ସଂସ୍କୃତି ଭବନ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ ପରିସରରେ ଓଡ଼ିଶା ଲଳିତ କଳା ଏକାଡ଼େମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ 'ସମସାମୟିକ' ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି।

ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହିତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶିଳ୍ପୀମାନଙ୍କ ଦ୍ୱାରା ଅଙ୍କିତ ସୁନ୍ଦର ଚିତ୍ରର ପ୍ରଶଂସା କରିଥିଲେ। ପ୍ରଦର୍ଶନୀରେ ଓଡ଼ିଶାର ୪୫ଜଣ ବରିଷ୍ଠ ଓ ଯୁବଶିଳ୍ପୀଙ୍କ ଦ୍ୱାରା ଅଙ୍କିତ ଚିତ୍ରକଳା ସ୍ଥାନ ପାଇଛି। ଏହି ଅବସରରେ ଓଡ଼ିଶା ଲଳିତ କଳା ଏକାଡ଼େମୀର ସଚିବ ପଞ୍ଚାନନ ସାମଲ ପ୍ରଦର୍ଶନୀର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ଏହି ପ୍ରଦର୍ଶନୀ ଜିଲାର କଳାକାରମାନଙ୍କ ପାଇଁ ଏକ ସୁଯୋଗ ସୃଷ୍ଟି କରିପାରିବ ବୋଲି କହିଥିଲେ। ପ୍ରଦର୍ଶନୀ ଅବସରରେ ବାଲେଶ୍ୱରର ଚିତ୍ରଶିଳ୍ପୀ ତାପସ ପଣ୍ଡା, ନିକୁଞ୍ଜ ଦାସ, ପ୍ରତାପ ସିଂ, ନିତ୍ୟାନନ୍ଦ ସାହୁ, ବିଶ୍ୱଜିତ ପ୍ରମାଣିକ, ପ୍ରତାପ ସିଂ, ରଞ୍ଜୟ ନାୟକ, ଗୀତାଞ୍ଜଳି ବେହେରା, କବିତା ଦତ୍ତ, ସୌମିଆଶ୍ରୀ ଦାସ, କ୍ରିଷ୍ଣା ଦେବଗୋସ୍ୱାମୀ, ଦେବାଶିଷ ପତି ପ୍ରମୁଖ ବହୁ ବରିଷ୍ଠ ଓ ଯୁବ ଶିଳ୍ପୀମାନେ ଉପସ୍ଥିତ ଥିଲେ। ପ୍ରଦର୍ଶନୀକୁ ଏକାଡ଼େମୀର ମରୁତ ରାଉତ ପରିଚାଳନା କରିଥିଲେ। ଏହି ପ୍ରଦର୍ଶନୀ ଜୁଲାଇ ୨୪ରୁ ଅଗଷ୍ଟ ୧୦ ତାରିଖ ସକାଳ ୧୧ ଘଟିକାରୁ ସନ୍ଧ୍ୟା ୭ ଘଟିକା ପର୍ଯ୍ୟନ୍ତ ଚାଲିବ।

# 'ନିଃସ୍ୱାର୍ଥପର ସେବା, ତ୍ୟାଗ ସର୍ବଦା ସ୍ମରଣୀୟ'



ରମାଦେବୀଙ୍କ ଶ୍ରାଦ୍ଧୋତ୍ସବରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ, ୨୩।୭(ସନାତନ ରାଉତ)

ନିଃସ୍ୱାର୍ଥପର ସେବା, ତ୍ୟାଗ ଓ ବଳିଦାନ ସର୍ବଦା ସ୍ମରଣୀୟ। ମହାନ ସ୍ୱାଧୀନତା ସଂଗ୍ରାମୀ, ତପସ୍ୱୀ, ମହିଳା ଜାଗରଣର ପ୍ରମୁଖ ନେତ୍ରୀ ରମାଦେବୀ ଚୌଧୁରୀ ସେବା, ତ୍ୟାଗ ସହ ଅସ୍ପୃଶ୍ୟତା ନିବାରଣ, ନିଶା ନିବାରଣ ଆଦି କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ ବୋଲି ତାଙ୍କର ୩୮ତମ ଶ୍ରାଦ୍ଧୋତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଭଦ୍ରକ ଜିଲା ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ବାଇପାସ୍ ନିକଟସ୍ଥ ସରସତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠାନର ସଭାପତି ଅମର କୁମାର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଶ୍ରାଦ୍ଧୋତ୍ସବ ପାଳନ କରାଯାଇଥିଲା। ସ୍ତମ୍ଭକାର ଅଭୟ କୁମାର ଦ୍ୱିବେଦୀ, ଗାନ୍ଧୀ ବିଚାର ମଞ୍ଚର ସଭାପତି ଶାନ୍ତନୁ ରାଉତ, ତ୍ୟାଗଭୂମି ସଭାପତି ଅଜୟ କୁମାର ନାୟକ, ପ୍ରାଧାପକ ଲକ୍ଷ୍ମୀଧର ରାଉତ, ଭଦ୍ରକ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ଡ. ରାଧାରାଣୀ ମହାପାତ୍ର, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲଲାଟେନ୍ଦୁ ମହାନ୍ତି ଓ ମଣ୍ଡଳର ଯୁଗ୍ମ ସମ୍ପାଦକ ନାରାୟଣ ପାଢ଼ୀ ଅତିଥି ଭାବେ ଯୋଗ ଦେଇଥିଲେ। ସାମାଜିକ କର୍ମୀ ଇନ୍ଦ୍ରମଣି ପଣ୍ଡା, ନାରୀନେତ୍ରୀ କଳ୍ପନା ଜେନା, ଅଳିଳପ୍ରଭା ରାଉଳ, ଶୈଳେନ୍ଦ୍ର ପାଢ଼ୀ, କୈଳାସ ମହାପାତ୍ର , ସୁଧାକର ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସର୍ବୋଦୟ ମଣ୍ଡଳର ଉପସଭାପତି ଅଶୋକ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଗୟାଧର ପଣ୍ଡା ବିବରଣୀ ପାଠ କରିଥିଲେ। ଶିକ୍ଷାବିତ୍ ଲକ୍ଷ୍ମୀକାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୦୨୪ରେ ମିଳିମିଶି ଲଢ଼ିବାକୁ ଆହ୍ୱାନ

### ଭାଜପାର ନିର୍ବାଚନ ମଣ୍ଡଳୀସ୍ତରୀୟ ବୈଠକ

ପାଟଣା, ୨୩।୭(ବୀର କିଶୋର ଦାଶ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ ବର୍ଷ କାର୍ଯ୍ୟକାଳ ପୂର୍ତ୍ତି ଅବସରରେ ରବିବାର କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଉଦୟପୁର କଲ୍ୟାଣ ମଣ୍ଡପଠାରେ ପାଟଣା ନିର୍ବାଚନ ମଣ୍ଡଳୀର କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ଟିଫିନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୨୪ ସାଧାରଣ ନିର୍ବାଚନକୁ ସମ୍ମୁଖୀନ ହେବା ପାଇଁ ମୁଖ୍ୟ ଅତିଥି ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ଆହ୍ୱାନ ଦେଇଥିଲେ। ପାଟଣା ବିଧାନସଭା ନିର୍ବାଚନ ମଣ୍ଡଳୀ ସଂଯୋଜକ ସୁଦର୍ଶନ ମହାନ୍ତଙ୍କ ସଂଯୋଜନାରେ ଅନ୍ୟତମ ମୁଖ୍ୟ ଅତିଥିଭାବେ ଜିଲା ସାଧାରଣ ସମ୍ପାଦକ ଶୁକଦେବ ମହାନ୍ତ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ଉପ ସଭାପତି ମମିତା ନାଏକ, ରାଜ୍ୟ ଆଦିବାସୀ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟବ୍ରତ ନାଏକ, ଜିଲା କୋଷାଧ୍ୟକ୍ଷ ହରିହର ମହାନ୍ତ, ଜିଲା ପଛୁଆ ବର୍ଗ ସଭାପତି ଲକ୍ଷ୍ମଣ ରାଉତ, ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସବୀର ଦାଶ, ଯୁବମୋର୍ଚ୍ଚା ଉପ ସଭାପତି ଅଶ୍ୱିନୀ ମହାନ୍ତ, ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ କମଳାକାନ୍ତ ସିଂ, ପ୍ରମୁଖ ଯୋଗଦେଇଥିଲେ।

# ଅଗ୍ନିକାଣ୍ଡରେ ଦୋକାନ ସହ ଜଳିଗଲା ନଗଦ ୨ଲକ୍ଷ

### ମା'ଙ୍କ କ୍ୟାନସର ଅପରେଶନ ପାଇଁ ଟଙ୍କା ରଖିଥିଲେ

ଲଙ୍ଗଳେଶ୍ୱର, ୨୩।୭(କମଳାକାନ୍ତ ଦାସ)

ସିଂଲା ଥାନା ଅଧୀନ ବାଲିସାହି ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଗୋଟିଏ ବଖରା ଘର ସହ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଜିନିଷ ଏବଂ ନଗଦ ୨ଲକ୍ଷ ଟଙ୍କା ଜଳିପୋଡି ପାଉଁଶ ହୋଇଯାଇଛି। ବାଲିସାହି ଗ୍ରାମର ଫିଲିପ କୁମାର ମାନ୍ନା ଘର ପାଖରେ ଏକ ମୋବାଇଲ ଏବଂ ଇଲେକ୍ଟ୍ରିକାଲ ଦୋକାନ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ସବୁଦିନ ଭଳି ଫିଲିପ ଗତ ଶନିବାର ରାତି ୯ଟା ବେଳେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ ସର୍ଟସର୍କିଟ୍ ଯୋଗୁ ହଠାତ୍ ଦୋକାନରେ ନିଆଁ ଲାଗି ଜଳିବା ଆରମ୍ଭ କରିଥିଲା। ପଡ଼ୋଶୀ ଲୋକେ ନିଆଁ ଜଳୁଥିବା ଦେଖି ଦୋକାନ ମାଲିକ ଫିଲପ ଏବଂ ବସ୍ତା ଅଗ୍ନିଶମ ବିଭାଗଙ୍କୁ ଖବର ଦେଇଥିଲେ। ଦୋକାନ ମାଲିକ ତୁରନ୍ତ ପହଞ୍ଚି ପଡ଼ୋଶୀଙ୍କ ସହାୟତାରେ ପାଣି ଢାଳି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ମାତ୍ର ସେତେବେଳକୁ ଗୋଟିଏ ବଖରା ଘର ସମେତ ଦୋକାନରେ ଥିବା ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଇଲେକ୍ଟ୍ରିକାଲ ସାମଗ୍ରୀ, ୩୦ରୁ ଊର୍ଦ୍ଧ୍ୱ ଦାମୀ ମୋବାଇଲ ଏବଂ ମା'ଙ୍କ କ୍ୟାନସର ଅପରେସନ ପାଇଁ ଦୋକାନରେ ରଖିଥିବା ନଗଦ ୨ ଲକ୍ଷ ଟଙ୍କା ମଧ୍ୟ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ବସ୍ତା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚିଥିଲେ ମଧ୍ୟ ସବୁ ଜଳିପୋଡ଼ି ନଷ୍ଟ ହୋଇଯାଇଥିଲା। ରବିବାର ସକାଳେ ନାଇକୁଡ଼ି ରାଜସ୍ୱ ନିରୀକ୍ଷକ ସୋମନାଥ ସିଂ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି।



ଅଗ୍ନିକାଣ୍ଡରେ ଜଳିଯାଇଥିବା ଦୋକାନ।

# ଆଦେଶ କାର୍ଯ୍ୟକାରୀ ରିପୋର୍ଟ ଦେବାକୁ ବିଡିଓଙ୍କୁ ନିର୍ଦ୍ଦେଶ

### ପଞ୍ଚାୟତ ରିଜୋଲ୍ୟୁଶନ ବହିରେ ଅନିୟମିତତା ପ୍ରସଙ୍ଗ

ହାଟଡ଼ିହୀ, ୨୩।୭(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସଡ଼ା ପଞ୍ଚାୟତର ରିଜୋଲ୍ୟୁଶନ ବହିରେ ଅନିୟମିତତା ପ୍ରସଙ୍ଗରେ ହାଇକୋର୍ଟ ବିଡିଓଙ୍କୁ ଆଦେଶ କାର୍ଯ୍ୟକାରୀ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବ ଶୁଣାଣିରେ ହାଇକୋର୍ଟ ଦେଇଥିବା ଆଦେଶ ଧାର୍ଯ୍ୟ ସମୟରେ କାର୍ଯ୍ୟକାରୀ ହୋଇ ନ ଥିବାରୁ କୋର୍ଟ କ୍ଷୋଭ ପ୍ରକାଶ କରିଛନ୍ତି। ଏବେ ଆଦେଶ କାର୍ଯ୍ୟକାରୀ ନ କଲେ ଏହାକୁ କୋର୍ଟଙ୍କ ଆଦେଶର ଅବମାନନା ଧରାଯିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ସଡ଼ା ପଞ୍ଚାୟତର ରିଜୋଲ୍ୟୁଶନ ବହିରେ ଅନିୟମିତତା ନେଇ ୫ ଏପ୍ରିଲ ୨୦୨୩ରେ ଅଭିଯୋଗ ହୋଇଥିଲା। ବହିରେ ୨୫ ନମ୍ବରରୁ ୪୦ ନମ୍ବର ପର୍ଯ୍ୟନ୍ତ ପୃଷ୍ଠା ଫାଙ୍କା ରହିଥିବା, ୪୨ ନଂ. ପୃଷ୍ଠାରେ ଏକ ରିଜୋଲ୍ୟୁଶନ ଲେଖାଥିବା ନେଇ ୱାର୍ଡ ମେମ୍ବରମାନେ ହାଟଡ଼ିହୀ ବିଡିଓ, ଆନନ୍ଦପୁର ଉପଜିଲାପାଳ, ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଏଥିସହ ବୈଠକ ନ କରାଇ ପିଅନ ଦ୍ୱାରା ଗାଁ ଗାଁ ବୁଲେଇ ରିଜୋଲ୍ୟୁଶନ ବହିରେ ଦସ୍ତଖତ କରାଯାଇଥିବା ଅଭିଯୋଗରେ ଉଲ୍ଲେଖ ରହିଥିଲା। ଅଭିଯୋଗ ଦିଗରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ସଡ଼ା ପଞ୍ଚାୟତର ୱାର୍ଡ ମେମ୍ବର ଉମାକାନ୍ତ ଜେନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ମାମଲାରେ ହାଟଡ଼ିହୀ ବିଡ଼ିଓ, ଆନନ୍ଦପୁର ଉପଜିଲାପାଳ, କେନ୍ଦୁଝର ଜିଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ହାଇକୋର୍ଟ ଉକ୍ତ ମାମଲାର ଶୁଣାଣି କରି ଆଦେଶ ପାଇବାର ଚାରି ସପ୍ତାହ ମଧ୍ୟରେ ଅଭିଯୋଗ ବିଚାର କରିବାକୁ ହାଟଡିହୀ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ୨୫ ମଇ ୨୦୨୩ରେ ହାଇକୋର୍ଟଙ୍କ ତରଫରୁ କେସ (ନଂ. ଡବ୍ଲ୍ୟୁପି(ସି) ୧୬୬୪୩/୨୦୨୩)ରେ ଦିଆଯାଇଥିବା ଆଦେଶ ଧାର୍ଯ୍ୟ ସମୟରେ କାର୍ଯ୍ୟକାରୀ ହୋଇ ନ ଥିଲା। ଉକ୍ତ ମାମଲାର ଶୁଣାଣି କରି କୋର୍ଟ ଆଦେଶ ପାଇବାର ଏକ ମାସ ମଧ୍ୟରେ କେସ (ନଂ. ସିଓଏନଟିସି ୪୬୧୧/୨୦୨୩)ର ଆଦେଶ କାର୍ଯ୍ୟକାରୀ କରି ରିପୋର୍ଟ ଦେବାକୁ ଗତ ୨୦ ଜୁଲାଇରେ ହାଟଡ଼ିହୀ ବିଡିଓ ବିନିତା ବିଜୟିନୀଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ଗଣଶିକ୍ଷା ମନ୍ତ୍ରୀଙ୍କ ସହ ଓଷ୍ଟା ଶିକ୍ଷକ ସଂଘର ଆଲୋଚନା

ବାରିପଦା, ୨୩।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଷ୍ଟା ଶିକ୍ଷକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କିଶୋର କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କୁ ବାରିପଦାଠାରେ ସାକ୍ଷାତ କରିଛନ୍ତି। ଶିକ୍ଷକ ଓ କର୍ମଚାରୀମାନଙ୍କର ବିଭିନ୍ନ ଦାବି ଯେପରି ସମସ୍ତ ଅଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ୩୯୯ ଓ ୨୨୬ ବିଦ୍ୟାଳୟକୁ ୭ମ ବେତନ କମିଶନ ଆଧାରରେ ଦରମା ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନଙ୍କର ଚାକିରି ସର୍ତ୍ତାବଳୀ ସହ ପେନସନ ବ୍ୟବସ୍ଥା, ଖେଳ ଶିକ୍ଷକ, ହିନ୍ଦୀ ଓ ସଂସ୍କୃତ ଶିକ୍ଷକମାନଙ୍କର ନାଯ୍ୟ ଦାବିକୁ ଗ୍ରହଣ କରିବା, ନୂତନ ପେନସନଭୋଗୀ ଶିକ୍ଷକ ଓ କର୍ମଚାରୀମାନଙ୍କ ୬ବର୍ଷ ଚାକିରି ଅବଧିରେ ଯୋଗ ସହିତ ସମସ୍ତ ସୁବିଧା ପ୍ରଦାନ, ବାରିପଦାରେ ବୋର୍ଡ କାର୍ଯ୍ୟାଳୟ ପ୍ରତିଷ୍ଠା ଆଦି ବିଷୟରେ ଆଲୋଚନା ହୋଇଥିଲା। ମନ୍ତ୍ରୀ ଏନେଇ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଥିଲେ। ଏହି ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ମନୋଜ କୁମାର ଧଳ, ସୁଶାନ୍ତ କୁମାର ଗିରି, ସର୍ଯ୍ୟାନନ୍ଦ ନାୟକ, ସମୀର କୁମାର ମାଇତି, ସୁଦର୍ଶନ ବାରିକ, ବୈକୁଣ୍ଠ ଦାସ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।



ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ସହ ଓଷ୍ଟା ଶିକ୍ଷକ ସଂଘର କର୍ମକର୍ତ୍ତାମାନେ।

# ବିନା ଯୋଗ୍ୟତାରେ ଚାଲିଛି ମେଡିସିନ ଷ୍ଟୋର

- ରୋଗୀଙ୍କୁ ବିପଦକୁ ଠେଲାଯାଉଛି
- ନିରାମୟ ସଫଳତାକୁ ନେଇ ପ୍ରଶ୍ନବାଚୀ

କେନ୍ଦୁଝର, ୨୩।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

ସରକାର ମାଗଣାରେ ସମସ୍ତଙ୍କୁ ଚିକିତ୍ସା ଓ ଔଷଧ ଯୋଗାଇଦେବାକୁ ଯୋଜନା ଲାଗୁ କରୁଛନ୍ତି। ଏହା ସତ୍ତ୍ୱେ କେନ୍ଦୁଝର ଜିଲା ମୁଖ୍ୟାଳୟରେ ଔଷଧ ଦୋକାନ ସଂଖ୍ୟା ବଢୁଛି। ଏପରିକି ଜିଲା ମୁଖ୍ୟ ଡାକ୍ତରଖାନା ଆଖପାଖ ଅଞ୍ଚଳରେ ଏଭଳି ଔଷଧ ଦୋକାନ ବଢ଼ିଚାଲିଛି। ଦୋକାନୀ ଡାକ୍ତରଙ୍କ ହାତ କରି ବ୍ୟବସାୟ ଚଳାଇଥିବା ବେଳେ ଡାକ୍ତର ମଧ୍ୟ ରୋଗୀଙ୍କୁ ସାମାନ୍ୟ ଲୋଭର ବଶବର୍ତ୍ତୀ ହୋଇ ରୋଗୀଙ୍କୁ ବିପଦକୁ ଢ଼େଲିଦେଉଛନ୍ତି। ଏଭଳି ସ୍ଥଳେ ସରକାରଙ୍କ ନିରାମୟ ଯୋଜନାର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଡାକ୍ତରଖାନାରେ ପର୍ଯ୍ୟାପ୍ତ ପରିମାଣରେ ଔଷଧ ଯୋଗାଇ ଦିଆଯାଉଥିବା କୁହାଯାଉଥିଲେ ହେଁ ଅନେକ ଔଷଧ ରୋଗୀମାନେ ବାହାରୁ କିଣିବାକୁ ବାଧ୍ୟ ହେଉଛନ୍ତି। ଗରୀବ ରୋଗୀମାନେ ଔଷଧ ନ ପାଇ ଗୁରୁତର ହେଉଛନ୍ତି। ତେବେ ଅନେକ ଦୋକାନୀ ବିନା ଫାର୍ମାସିଷ୍ଟ ପାଶ ପ୍ରମାଣପତ୍ରରେ ଦୋକାନ ଖୋଲିଛନ୍ତି। କେତେକ ମେଡିସିନ ଦୋକାନୀ ତାଙ୍କ ନାମରେ ଥିବା ଫାର୍ମାସିଷ୍ଟ ସାର୍ଟିଫିକେଟ୍ କାନ୍ଥରେ ଝୁଲାଇ ଅନ୍ୟ କାମ ଧନ୍ଦାରେ ଲାଗିଥାନ୍ତି। କିଛି ଫାର୍ମାସିଷ୍ଟ ସାର୍ଟିଫିକେଟ କ୍ରୟ କରି ଔଷଧ ଦୋକାନ ଖୋଲୁଛନ୍ତି। ଏଭଳି କ୍ଷେତ୍ରରେ ରୋଗୀଙ୍କ ଜୀବନ ପ୍ରତି ସର୍ବଦା ବିପଦ ଲାଗି ରହୁଛି। ଏ ନେଇ ନିୟମିତ ଚଢ଼ାଉ ହେଲେ ସେମାନେ ଧରାପଡ଼ିବେ। ସିଡିଏମଓ ଡାକ୍ତର କିଶୋର ଚନ୍ଦ୍ର ପୃଷ୍ଟି କହିଛନ୍ତି, ଏସବୁ ପ୍ରମାଣପତ୍ର ଯାଞ୍ଚ କରିବା କ୍ଷମତା ଡ୍ରଗ୍ ଇନ୍ସପେକ୍ଟରଙ୍କ ରହିଛି। ତେବେ ମେଡିକାଲରେ ଡାକ୍ତରମାନେ ବାହାର ମେଡିସିନ ଲେଖିଲେ ଦଣ୍ଡିତ ହେବେ। ତେବେ ଡାକ୍ତରଖାନାରେ ଅନେକ ସମୟରେ ମେଡିସନ ନ ମିଳିଲେ ରୋଗୀ ବାହାରୁ କିଣିବାକୁ ବାଧ୍ୟ ହେଉଛନ୍ତି ବୋଲି କହିଥିଲେ।

# ଦୁଗ୍ଧ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିବେ ଚାଷୀ

### ଗୋପାଳନ ଜନସଚେତନତା କାର୍ଯ୍ୟକ୍ରମ

ଖଇରା, ୨୩।୭(ଉତ୍କଳବନ୍ଧୁ ପଣ୍ଡା)




ପୂର୍ବରୁ ଦୁଗ୍ଧ ଉତ୍ପାଦନ ମୁଖ୍ୟ ରୋଜଗାର ପନ୍ଥା ଭାବେ ବିବେଚନା କରାଯାଉଥିଲା। ହେଲେ ଉତ୍ପାଦିତ ଦ୍ରବ୍ୟର ବଜାରିକରଣ ହୋଇପାରିବା, ସହଜରେ ଋଣ ମିଳି ନ ପାରିବା, ସରକାରୀ ପ୍ରୋତ୍ସାହନ ଅଭାବ ଭଳି କାରଣ ଯୋଗୁ ଗ୍ରାମାଞ୍ଚଳରେ ଗୋପାଳକ ପାଇଁ ଏହି ଚାଷ ପ୍ରତି ବିମୁଖ ହୋଇପଡୁଛନ୍ତି । ସବୁ ପ୍ରତିକୂଳ ପରିସ୍ଥିତିରେ ବି ଅନେକ ଗୋପାଳକ ଆଜି ବି ଜୀବନଧାରଣ ମାନ ଭାବେ ଗ୍ରହଣ କରିଛନ୍ତି। ମୁଖ୍ୟ ସମସ୍ୟା ଭାବେ ଉତ୍ପାଦିତ ଦ୍ରବ୍ୟର ବଜାରୀକରଣ କରାଯାଇ ପାରିଲେ ଆଗ୍ରହୀ ଯୁବଗୋଷ୍ଠୀ ଏହାକୁ ନେଇ ସ୍ୱାବଲମ୍ବୀ ହେବା ସହ ଆଗକୁ ବଢିବା କଥା ଭାବିପାରନ୍ତେ ବୋଲି ଖଇରା ବ୍ଲକର ଧୋବାଗଡିଆଠାରେ ଆୟୋଜିତ ଗୋପାଳନ ଜନସଚେତନା କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ରବି ବସ୍ତିଆ, ନାବାର୍ଡ ଅଧିକାରୀ, ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଅଧିକାରୀମାନେ ପ୍ରକାଶ କରିଛନ୍ତି । ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଗଣେଶ ପ୍ରସାଦ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପଦ୍ମଶ୍ରୀ ବସ୍ତିଆ ମୁଖ୍ୟଅତିଥି, ନାବାର୍ଡ ଡିଡିଏମ୍ ତାପସ ରଞ୍ଜନ ପ୍ରଧାନ, ସମବାୟ ବ୍ୟାଙ୍କ ଏଜିଏମ ଅଭିରାମ ମହାନ୍ତି, ସମବାୟ ବ୍ୟାଙ୍କର ଖଇରା ଶାଖା ପରିଚାଳକ ଯଦୁନାଥ ସ, ଭଦ୍ରକ ପୌର ପରିଷଦର କାଉନସିଲର ପ୍ରଣୟ ଦାସ, ଜିଲା ପରିଷଦ ସଦସ୍ୟା ରଶ୍ମିତା ମହାପାତ୍ର, ଯୁବ ଶିଳ୍ପଦ୍ୟୋଗୀ ବିପିନ ବିହାରୀ ଦାସମହାପାତ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥି ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ। ଚଳିତ ଥର ବ୍ୟାଙ୍କର ନିର୍ବାଚିତ ଜିଲା ସଭାପତି ଖଇରା ବ୍ଲକର ବାସିନ୍ଦା ହୋଇଥିବାରୁ ଗୋପାଳନ ପ୍ରତି ଯୁବଗୋଷ୍ଠୀ, ସ୍ୱୟଂ ସହାୟକା ଗୋଷ୍ଠୀର ମହିଳା ଆଗ୍ରହୀ ହୋଇପାରିବେ ସେଥିପ୍ରତି ସେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଖଇରାରେ ଦୁଗ୍ଧ ସଂଗୃହୀତ କେନ୍ଦ୍ର ଓ ପ୍ରକ୍ରିୟାକରଣ କେନ୍ଦ୍ର ଖୋଲାଯିବା ସହ ଚାଷୀଙ୍କ ଘରକୁ ଯାଇ କିଭଳି ଦୁଗ୍ଧ ସଂଗ୍ରହ କରାଯାଇପାରିବ ତାକୁ ପ୍ରାଥମିକତା ଦିଆଯିବା ସହ ପ୍ରଥମ କରି କେତେଜଣ ଯୁବକଙ୍କୁ ତାଲିମ ଦିଆଯାଇ ସେମାନଙ୍କୁ ଗାଈ ପ୍ରଦାନ କରାଯିବ ବୋଲି କହିଥିଲେ। ଖଇରା ବ୍ଲକରୁ ଯେଉଁ ଯୁବଗୋଷ୍ଠୀ କାର୍ଯ୍ୟ ଅନ୍ୱେଷଣରେ ବାହାରକୁ ଯାଉଛନ୍ତି ସେମାନେ ଘରେ ରହି ଏହି ଚାଷ ମାଧ୍ୟମରେ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ।

